ଭାରତୀୟ ଜନତା ପାର୍ଟି, ଓଡିଶା

ପ୍ରତାପ ଜେନାଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାକୁ ନେଇ ଦେଇଥିବା ବୟାନର ପ୍ରତିକ୍ରିୟା

# ସବୁ ଲୋକଙ୍କୁ ସବୁ ଦିନ ଠକା ଯାଇ ପାରିବ ନାହିଁ : ବିଜେପି

**ଭୁବନେଶ୍ୱର, ତା.୩୦/୧୦:** ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ମିଛକୁ ଘୋଡାଇବାକୁ ଆହୁରି ମିଛ କହି ପୁଣି ମିଛ ଜାଲରେ ଛନ୍ଦି ହେଉଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗଣମାଧମରେ ଦେଇଥିବା ବିବୃତିରେ ବିଚଳିତ ହୋଇପଡି ଶ୍ରୀ ଜେନା ମିଥ୍ୟା ତଥ୍ୟ ଦେଇଛନ୍ତି ବୋଲି ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ଗତ ବର୍ଷ ଓଡିଶାର ସବୁ ସରକାରୀ ଡାକ୍ତରଖାନାରେ ଏକ କୋଟିରୁ କମ ଲୋକ ସ୍ୱାସ୍ଥ୍ୟ ସେବା ପାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ସରକାର କହିଛନ୍ତି । ତାହେଲେ ମାତ୍ର ୨ ମାସ ଅବଧିରେ କୋଟିଏରୁ ଉର୍ଦ୍ଧ ରୋଗୀ କିପରି ଏବଂ କେଉଁ ଆଧାରରେ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଚିକିତ୍ସିତ ହୋଇଛନ୍ତି, ତାହା ନିଶ୍ଚିତ ଭାବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ନିଜେ ଥରେ ଓଡିଶାର ସବୁ ଟିଭି ଚ୍ୟାନେଲରେ ଦେଖାଇଥିବା ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ଆଉ ଥରେ ଦେଖନ୍ତୁ । ଦୁଇ ମାସରେ ୧ କୋଟି ୧୦ ଲକ୍ଷ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମାଗଣା ଚିକିତ୍ସା ଦିଆ ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନିଜେ କହିଥିବା ସେ ସ୍ପଷ୍ଟ ହୋଇ ଯିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ସବୁ ଲୋକଙ୍କୁ ସବୁ ଦିନ ଠକା ଯାଇ ପାରିବ ନାହିଁ ବୋଲି ଶ୍ରୀ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**